ଗୁଜରାଟ ବିଶ୍ୱବିଦ୍ୟାଳୟ

ବନାମ

ରାଜୀବ ଗୋପୀନାଥ ଭଟ୍ଟ ଏବଂ ଅନ୍ୟମାନେ

ମଇ 1, 1996

[ପ୍ରଧାନ ବିଚାରପତି ଏ. ଏମ୍. ଅହମ୍ମଦୀ, ଏନ୍. ପି. ସିଂହ ଏବଂ ବି. ଏନ୍. କିରପାଲ, ନ୍ୟାୟମୂର୍ତ୍ତିମାନେ]

ଭାରତର ସମ୍ବିଧାନ 1950— ଅନୁଚ୍ଛେଦ 14— ନାମଲେଖା— ଅତି ବିଶେଷଜ୍ଞତା ପାଠ୍ୟକ୍ରମ— ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ନିୟମ ଏହା ଯେ, ପ୍ରସ୍ତୁତ ହୋଇଥିବା ଯୋଗ୍ୟତା ତାଲିକା ମଧ୍ୟରୁ, ସେହି ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ନାମଲେଖା ପାଇଁ ପ୍ରାଥମିକତା ଦିଆଯିବ— ଏହାକୁ ସମ୍ବିଧାନର ଅନୁଛେଦ 14 ର ମନମୁଖୀ, ଅଯୌକ୍ତିକ କିମ୍ବା ଉଲ୍ଲଂଘନକାରୀ ବୋଲି ବିବେଚନା କରାଯାଇପାରିବ କି ନାହିଁ— ନିର୍ଣ୍ଣୟ ହୋଇଛି ନା— ଶିକ୍ଷା— ଉଚ୍ଚ ଶିକ୍ଷା— ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖା ।

କର୍କଟ ରୋଗ ଶଲ୍ୟ ଚିକିତ୍ସାରେ, ଅତି ବିଶେଷଜ୍ଞତା ପାଠ୍ୟକ୍ରମ ଏମ୍.ସିଏଚ. (ମାଷ୍ଟର ଅଫ୍ ଚିରୁରଜୀ) ରେ ନାମଲେଖା ପାଇଁ, ସୀମିତ ସଂଖ୍ୟକ ଆସନକୁ ଧ୍ୟାନରେ ରଖି, ଆବେଦନକାରୀ ବିଶ୍ୱବିଦ୍ୟାଳୟ ନାମଲେଖା ନିମନ୍ତେ ପ୍ରାର୍ଥୀ ଚୟନ ନିୟମରେ ବ୍ୟବସ୍ଥା କରିଥିଲେ ଯେ, ପ୍ରଥମ ପ୍ରାଥମିକତା ଆବେଦନକାରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଦିଆଯିବ ଏବଂ ଯଦିଓ ଅନ୍ୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନାମଲେଖାରୁ ବଞ୍ଚିତ କରାଯାଇ ନାହିଁ, ତଥାପି ସେମାନେ ଆବେଦନକାରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପରେ ସ୍ଥାନ ପାଇବେ ।

ଆବେଦନକାରୀ ଦୁଇ ବର୍ଷର ଡି. ଏମ୍. ଏବଂ ଏମ୍. ସିଏଚ୍. ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନପତ୍ର ଆହ୍ୱାନ କରିଥିଲେ। ସେ ଆବେଦନକାରୀ-ବିଶ୍ୱବିଦ୍ୟାଳୟର ଛାତ୍ର ନୁହଁନ୍ତି ବୋଲି ଦର୍ଶାଇ ଉତ୍ତରଦାତାଙ୍କୁ ନାମଲେଖାରୁ ବଞ୍ଚିତ କରାଯାଇଥିଲା । ତାଙ୍କ ତରଫରୁ ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନରେ, ଉଚ୍ଚ ନ୍ୟାୟାଳୟ, ଆବେଦନକାରୀ ବିଶ୍ୱବିଦ୍ୟାଳୟକୁ କର୍କଟ ରୋଗ ଶଲ୍ୟ ଚିକିତ୍ସାରେ ଏମ୍. ସିଏଚ୍. ର ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖାକୁ ମଞ୍ଜୁରୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ନିର୍ଣ୍ଣୟ ହୋଇଥିଲା ଯେ ଆବେଦନକାରୀ ବିଶ୍ୱବିଦ୍ୟାଳୟ କିମ୍ବା ଆବେଦନକାରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରୁ ଏମ.ଡି/ଏମ.ଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନେ ପ୍ରଶ୍ନରେ ଥିବା ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଯୋଗ୍ୟ ଅଟନ୍ତି ଏବଂ ଆବେଦନକାରୀ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ପ୍ରାଥମିକତା ଦିଆଯିବ ବୋଲି, ନିୟମରେ ଯାହା କୁହାଯାଇଛି, ତାହା ଭାରତର ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ ଥିଲା । ଉଚ୍ଚ ନ୍ୟାୟାଳୟ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ ଅନ୍ୟ କୌଣସି କାରଣ ପାଇଁ ଉତ୍କୃଷ୍ଟତା ସହିତ ସାଲିସ କରିବାକୁ ନ୍ୟାୟାଳୟ ଅନୁମତି ଦେଇପାରିବେ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୋଧରେ ଏହି ଆବେଦନ ଆଗତ କରାଯାଇଥିଲା ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: 1.1. ନାମଲେଖା ପାଇଁ ଆବେଦନକାରୀଙ୍କୁ ଚୟନ କରିବା ସମୟରେ କୌଣସି ଅନୁଷ୍ଠାନର ଉଦ୍ଦେଶ୍ୟ ହେଉଛି ଆବେଦନକାରୀଙ୍କ ମଧ୍ୟରେ ସର୍ବୋତ୍ତମ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବା, ଆଞ୍ଚଳିକ କିମ୍ବା ଅନ୍ୟାନ୍ୟ ବିଚାର, ଯାହା ସମ୍ବିଧାନର ଅନୁଚ୍ଛେଦ 14 ର ଉଦ୍ଦେଶ୍ୟକୁ ପୂରଣ କରେ ନାହିଁ, ତାହା ଯୋଗ୍ୟତା ମାନଦଣ୍ଡକୁ ପ୍ରଭାବିତ କରିବା ଉଚିତ

ନୁହେଁ । କିନ୍ତୁ ସମୟ ସମୟରେ, ମାନ୍ୟବର ନ୍ୟାୟାଳୟ ସ୍ଥାନୀୟ ଆଞ୍ଚଳିକ ପରିସ୍ଥିତିକୁ ଧ୍ୟାନରେ ରଖି ଏକ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରିଆସୁଛନ୍ତି, ଯଦ୍ୱାରା ଯେଉଁ ଛାତ୍ରଛାତ୍ରୀମାନେ ଏକ ନିର୍ଦ୍ଦିଷ୍ଟ ରାଜ୍ୟରେ ନିଜର ପାଠପଢ଼ା ଶେଷ କରିଛନ୍ତି ଏବଂ ସେହି ରାଜ୍ୟର ଭେଷଜ ମହାବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇଛନ୍ତି, ସେମାନେ ଯେପରି ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖା ସମୟରେ ହଠାତ୍ ଅସହାୟ ହୋଇ ନଯାଆନ୍ତି, ଯେଉଁଠାରେ କି ସୀମିତ ସଂଖ୍ୟକ ଆସନ ରହିଛି । ତେଣୁ ଯଦି ଏକ ନିୟମ ପ୍ରସ୍ତୁତ ହୋଇଛି ଯେ ପ୍ରସ୍ତୁତ ହୋଇଥିବା ମେଧା ତାଲିକା ମଧ୍ୟରୁ, ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖାଇବାକୁ, ଆପେଆପେ ପ୍ରାଥମିକତା ଦିଆଯିବ, ତେବେ ଏହା ମନମୁଖୀ, ଅଯୌକ୍ତିକ କିମ୍ବା ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନକାରୀ ବୋଲି କୁହାଯାଇପାରିବ ନାହିଁ ।

1.2. ଯେହେତୁ ଆକ୍ଷେପିତ ନିୟମର ସେହି ଭାଗର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟକୁ ସ୍ପଷ୍ଟ କରାଯାଇ ନାହିଁ, ଯେଉଁଥିରେ କୁହାଯାଇଛି ଯେ "ଏହା ପରେ ବାକି ରହିଥିବା ଯେକୌଣସି ଆସନ ଖାଲି ରହିବ", ତେଣୁ ନିୟମର ଏହି ଭାଗକୁ ଯୁକ୍ତିଯୁକ୍ତ ବୋଲି ଗ୍ରହଣ କରାଯାଇପାରିବ ନାହିଁ । ଏହା କେବଳ ନ୍ୟାୟସଙ୍ଗତ ଏବଂ ଉପଯୁକ୍ତ ଯେ ବିଶ୍ୱବିଦ୍ୟାଳୟ ସେହି ନିୟମର ପୁନଃ ସମୀକ୍ଷା କରିବା ଉଚିତ ଏବଂ ଏକ ନୂତନ ଦୃଷ୍ଟିକୋଣରୁ ଦେଖିବା ଉଚିତ, ଯେଉଁଥିରେ କୌଣସି ନା କୌଣସି କାରଣରୁ ପୂରଣ ହୋଇପାରି ନଥିବା ଖାଲି ଆସନଗୁଡ଼ିକୁ ମଧ୍ୟ ପୂରଣ କରିବାର ବ୍ୟବସ୍ଥା ରହିଛି: ନିଶ୍ଚିତ ଭାବରେ ଅତି ବିଶେଷଜ୍ଞତା ପାଠ୍ୟକ୍ରମ ପାଇଁ ନିର୍ଦ୍ଧାରିତ ସମୟସୂଚୀ ଭିତରେ ।

ଜଗଦୀଶ ସରନ ବନାମ ଭାରତ ସଂଘ, **[1980] 2 ଏସସିସି 768, ମାମଲାକୁ ବୈଶିଷ୍ଟ୍ୟ ପ୍ରଦାନ କରାଯାଇଛି ।**

ପ୍ରଦୀପ ଜୈନ ବନାମ ଭାରତ ସଂଘ, **[1984] 3 ଏସସିସି 654**; *ଦୀନେଶ କୁମାର ବନାମ ମୋତିଲାଲ ନେହେରୁ ମେଡ଼ିକାଲ କଲେଜ,* **[1986] 3 ଏସସିସି 727** ଏବଂ *ଅନନ୍ତ ମଦନ ବନାମ ହରିୟାଣା ରାଜ୍ୟ,* **[1995] 2 ଏସସିସି 135 ମାମଲା ଉପରେ ନିର୍ଭର କରାଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 75651996ଏଫ୍.

30.9.91 ତାରିଖରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ଏସ୍. ସି. ଏ. ସଂଖ୍ୟା 4215/1991 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଆର୍. ଆର୍. କୁମାର ଏବଂ ପି. ଏଚ୍. ପାରେଖ ଆବେଦନକାରୀ ପାଇଁ ।

ବିନୀତ କୁମାରଙ୍କ ପାଇଁ ସୁଶ୍ରୀ କିରଣ, ଉତ୍ତରଦାତା ସଂଖ୍ୟା 1 ଙ୍କ ପାଇଁ ।

ଆର୍. ଶଶିପ୍ରଭୁଙ୍କ ପାଇଁ ଯଶାଙ୍କ ଆଧାରୁ, ଉତ୍ତରଦାତା ସଂଖ୍ୟା 2 ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

ନ୍ୟାୟମୂର୍ତ୍ତି ଏନ୍. ପି. ସିଂହଙ୍କ ଦ୍ୱାରା । ଅନୁମତି ମଞ୍ଜୁର କରାଗଲା ।

ଗୁଜରାଟ ବିଶ୍ୱବିଦ୍ୟାଳୟ ତରଫରୁ (ଏହା ପରେ ବିଶ୍ୱବିଦ୍ୟାଳୟ ଭାବରେ ସୂଚିତ) ଆଗତ ହୋଇଥିବା ଏହି ଆବେଦନକୁ, 30.9.1991 ତାରିଖରେ, ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଆଦେଶକୁ ରଦ୍ଦ କରିବା ପାଇଁ ଦାଖଲ କରାଯାଇଛି, ଯେଉଁଥିରେ ନ୍ୟାୟାଳୟ ଆବେଦନକାରୀ-ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ଉତ୍ତରଦାତା ସଂଖ୍ୟା 1

ଙ୍କୁ (ଏହା ପରେ ଉତ୍ତରଦାତା ଭାବରେ ସୂଚିତ), 1.7.1991 ରୁ ଆରମ୍ଭ ହୋଇଥିବା ଶିକ୍ଷାବର୍ଷରେ କର୍କଟ ରୋଗ ଶଲ୍ୟ ଚିକିତ୍ସାର ଅତି ବିଶେଷଜ୍ଞତା ପାଠ୍ୟକ୍ରମ ଏମ୍.ସିଏଚ. ରେ (ମାଷ୍ଟର ଅଫ୍ ଚିରୁର୍ଗି) ନାମ ଲେଖାଇବା ପାଇଁ ଅନୁମତି ପ୍ରଦାନ କରନ୍ତୁ ।

ଏହା ଜଣାପଡୁଛି ଯେ ଆବେଦନକାରୀ-ବିଶ୍ୱବିଦ୍ୟାଳୟ 1.7.1991 ରୁ ଆରମ୍ଭ ହେଉଥିବା ଡି.ଏମ. ଏବଂ ଏମ.ସିଏଚ୍. ର ଦୁଇ ବର୍ଷର ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଆହ୍ୱାନ କରିଛି । ଉପରୋକ୍ତ ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀଙ୍କୁ ଚୟନ କରିବା ପାଇଁ ଏକ ପ୍ରବେଶିକା ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ଆସନ ସଂଖ୍ୟା ଅତ୍ୟନ୍ତ ସୀମିତ ଅଟେ, ଯେଉଁଥିପାଇଁ ଆବେଦନକାରୀ-ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ନିୟମ ଅନୁଯାୟୀ ବ୍ୟବସ୍ଥା କରାଯାଇଛି ଯେ ଆବେଦନକାରୀ-ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରଥମ ପ୍ରାଥମିକତା ଦିଆଯିବ । ଅନ୍ୟ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ନାମଲେଖାରୁ ବଞ୍ଚିତ କରାଯାଇ ନାହିଁ, କିନ୍ତୁ ସେମାନଙ୍କୁ ଆବେଦନକାରୀ-ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ପରେ ସ୍ଥାନ ଦିଆଯାଇଥାଏ । ଯେହେତୁ ଉପରୋକ୍ତ ଉତ୍ତରଦାତାଙ୍କୁ, ସେ ଆବେଦନକାରୀ-ବିଶ୍ୱବିଦ୍ୟାଳୟର ଛାତ୍ର ନୁହଁନ୍ତି ବୋଲି ଦର୍ଶାଇ ନାମଲେଖାରୁ ବଞ୍ଚିତ କରାଯାଇଥିଲା, ତେଣୁ ତାଙ୍କ ତରଫରୁ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା, ଯାହାକୁ ପୂର୍ବରୁ ଆକ୍ଷେପିତ ଆଦେଶ ଦ୍ୱାରା ଅନୁମତି ଦିଆଯାଇଥିଲା ବୋଲି ଦର୍ଶାଯାଇଛି ।

ଯେତେବେଳେ ଆବେଦନର ଶୁଣାଣି କରାଯାଇଥିଲା, ପକ୍ଷମାନଙ୍କ ତରଫରୁ ହାଜର ହୋଇଥିବା ଓକିଲ, ନ୍ୟାୟାଳୟଙ୍କୁ ସୂଚନା ଦେଇଥିଲେ ଯେ ଏହି ଆବେଦନ ଫଳପ୍ରଦ ହୋଇନାହିଁ, କାରଣ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ଆଧାରରେ, ଉତ୍ତରଦାତାଙ୍କୁ ପାଠ୍ୟକ୍ରମରେ ଯୋଗଦେବାକୁ ଅନୁମତି ଦିଆଯାଇଥିଲା ଏବଂ ସେ ପାଠ୍ୟକ୍ରମ ସମାପ୍ତ କରିସାରିଛନ୍ତି । ଏହି ପୃଷ୍ଠଭୂମିରେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ବିଷୟରେ ଆବେଦନକାରୀ-ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ପ୍ରକୃତରେ ଯାଞ୍ଚ କରିବା ଏହି ନ୍ୟାୟାଳୟ ପାଇଁ ଆବଶ୍ୟକ ନାହିଁ । ତେବେ, ବିଶ୍ୱବିଦ୍ୟାଳୟ ପକ୍ଷରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରାର୍ଥୀ ଚୟନ ସମ୍ବନ୍ଧୀୟ ପ୍ରାସଙ୍ଗିକ ନିୟମ ପ୍ରତି ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

"ଓ.ଏମ୍.ଏସ.-16: ଅତି ବିଶେଷଜ୍ଞତା ପାଠ୍ୟକ୍ରମ (ଯଥା ଏମ୍.ସିଏଚ୍. ଏବଂ ଡି. ଏମ୍.) ପାଇଁ ଚୟନ ।

1. ଗୁଜରାଟ ବିଶ୍ୱବିଦ୍ୟାଳୟର ପ୍ରାର୍ଥୀମାନଙ୍କୁ ପ୍ରଥମ ପ୍ରାଥମିକତା ଦିଆଯିବ । ଗୁଜରାଟ ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟର ପ୍ରାର୍ଥୀମାନଙ୍କୁ ଦ୍ୱିତୀୟ ପ୍ରାଥମିକତା ଦିଆଯିବ । ଏହା ପରେ କୌଣସି ଖାଲି ରହିଥିବା ସ୍ଥାନ ପୂରଣ ହେବ ନାହିଁ ।

2. ସ୍ନାତକୋତ୍ତର ଉପାଧି ଯୋଗ୍ୟତା ଅର୍ଥାତ୍ ଏମ୍. ଡି. କିମ୍ବା ଏମ୍. ଏସ୍. ନିହାତି ଆବଶ୍ୟକ ଅଟେ ।

3. କୁଳପତି, ସେଠାରେ ପ୍ରାର୍ଥୀମାନଙ୍କ ପାଇଁ ପରୀକ୍ଷାର ବ୍ୟବସ୍ଥା କରିବେ, ବିଶେଷ କରି ବସ୍ତୁନିଷ୍ଠ । କୌଣସି ପ୍ରାୟୋଗିକ ପରୀକ୍ଷା ଅନୁଷ୍ଠିତ ହେବ ନାହିଁ । ଏହି ପରୀକ୍ଷାର ଫଳାଫଳ ନାମଲେଖା ପାଇଁ ଏକମାତ୍ର ମାନଦଣ୍ଡ ହେବ ଏବଂ କୁଳପତିଙ୍କ ନିର୍ଣ୍ଣୟ ଚୂଡ଼ାନ୍ତ ହେବ ।"

ଉଚ୍ଚ ନ୍ୟାୟାଳୟରେ ଆଗତ ହୋଇଥିବା ସତ୍ୟପାଠର ଉତ୍ତରରେ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଥିଲା ଯେ ନାମଲେଖାର ଆଧାର ହେଉଛି ଯୋଗ୍ୟତା; କେବଳ ଆବେଦନକାରୀ-ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ପ୍ରାଥମିକତା ଦିଆଯିବ । ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ ଆବେଦନକାରୀ-ବିଶ୍ୱବିଦ୍ୟାଳୟରୁ କିମ୍ବା ଆବେଦନକାରୀ-ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରୁ ଏମ.ଡି./ଏମ.ଏସ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନେ ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ଭର୍ତ୍ତି

ହେବା ପାଇଁ ଯୋଗ୍ୟ ଅଟନ୍ତି, ଏବଂ ଆବେଦନକାରୀ-ବିଶ୍ୱବିଦ୍ୟାଳୟର ଛାତ୍ରଙ୍କୁ ପ୍ରାଥମିକତା ଦିଆଯିବ ବୋଲି ନିୟମରେ ଯାହା କୁହାଯାଇଛି, ତାହା ଭାରତର ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ ଥିଲା । ଏହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା *ଜଗଦୀଶ ସରନ ବନାମ ଭାରତ ସଂଘ,* [1980] 2 ଏସସିସି 768 ଏବଂ *ପ୍ରଦୀପ ଜୈନ ବନାମ ଭାରତ ସଂଘ,* [1984] 3 ଏସସିସି 654 ମାମଲାରେ ଏହି ନ୍ୟାୟାଳୟଙ୍କ ରାୟ ବିଷୟରେ ଉଲ୍ଲେଖ କରାଯାଇଥିଲା, ଯେଉଁଠାରେ ଏହା ଦର୍ଶାଯାଇଛି ଯେ ଅନ୍ୟ କୌଣସି କାରଣ ପାଇଁ ଉତ୍କର୍ଷତା ସହିତ ସାଲିସ କରିବାକୁ ନ୍ୟାୟାଳୟ ଅନୁମତି ଦେଇପାରିବେ ନାହିଁ ।

ସେହି ପ୍ରଶ୍ନକୁ ବିସ୍ତୃତ ଭାବରେ ଯାଞ୍ଚ ନକରି ଏହା ସୂଚିତ କରାଯାଇପାରେ ଯେ ଉପରୋକ୍ତ ରାୟସମୂହ, ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖା ସହିତ ଜଡିତ ନଥିଲା । ଏଥି ସହିତ, ଆମେ ଦୋହରାଇଛୁ ଯେ ନାମଲେଖା ପାଇଁ ଆବେଦନକାରୀ ଚୟନ କରିବା ସମୟରେ ଯେକୌଣସି ଅନୁଷ୍ଠାନର ଉଦ୍ଦେଶ୍ୟ ହେଉଛି ଆବେଦନକାରୀଙ୍କ ମଧ୍ୟରୁ ସର୍ବୋତ୍ତମ ପ୍ରାର୍ଥୀଙ୍କୁ ଚୟନ କରିବା, ଆଞ୍ଚଳିକ ଏବଂ ଅନ୍ୟାନ୍ୟ କାରଣ, ଯାହା ସମ୍ବିଧାନର ଧାରା 14 ର ଉଦ୍ଦେଶ୍ୟକୁ ପୂରଣ କରେ ନାହିଁ, ତାହା ଯୋଗ୍ୟତା ମାନଦଣ୍ଡକୁ ପ୍ରଭାବିତ କରିବା ଉଚିତ୍ ନୁହେଁ । କିନ୍ତୁ ସମୟ ସମୟରେ, ମାନ୍ୟବର ନ୍ୟାୟାଳୟ ସ୍ଥାନୀୟ ଆଞ୍ଚଳିକ ପରିସ୍ଥିତିକୁ ଧ୍ୟାନରେ ରଖି ଏକ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରିଆସୁଛନ୍ତି, ଯଦ୍ୱାରା ଯେଉଁ ଛାତ୍ରଛାତ୍ରୀମାନେ ଏକ ନିର୍ଦ୍ଦିଷ୍ଟ ରାଜ୍ୟରେ ନିଜର ପାଠପଢ଼ା ଶେଷ କରିଛନ୍ତି ଏବଂ ସେହି ରାଜ୍ୟର ଭେଷଜ ମହାବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇଛନ୍ତି, ସେମାନେ ଯେପରି ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖା ସମୟରେ ହଠାତ୍ ଅସହାୟ ହୋଇ ନଯାଆନ୍ତି, ଯେଉଁଠାରେ କି ସୀମିତ ସଂଖ୍ୟକ ଆସନ ରହିଛି । *ପ୍ରଦୀପ ଜୈନ ବନାମ ଭାରତ ସଂଘ* ମାମଲାରେ, (ଉପରୋକ୍ତ) ଏହି ନ୍ୟାୟାଳୟ ଏହିପରି ମତ ଦେଇଛନ୍ତି:

> "ତେଣୁ, ଆମର ମତ ଯେ, ଡାକ୍ତରୀ ଶିକ୍ଷାରେ ନାମଲେଖା କ୍ଷେତ୍ରରେ ସୁଯୋଗର ବ୍ୟାପକ ସମାନତା ଆଣିବା ପାଇଁ ଏବଂ କେବଳ ଆନୁଷ୍ଠାନିକ ନୁହେଁ ବରଂ ପ୍ରକୃତ, କେବଳ ଆଇନଗତ ନୁହେଁ ବରଂ ବାସ୍ତବ ସମାନତା ପ୍ରତିଷ୍ଠା କରିବା ପାଇଁ ବାସସ୍ଥାନ ଯୋଗ୍ୟତା ଆଧାରରେ ଏକ ନିର୍ଦ୍ଦିଷ୍ଟ ପ୍ରତିଶତର ସଂରକ୍ଷଣକୁ ବୈଧ ଭାବେ କରାଯାଇପାରିବ । ଏହି ଆଧାରରେ କରାଯାଇଥିବା ସଂରକ୍ଷଣ ପ୍ରତିଶତ ମଧ୍ୟରେ ସେହି ବିଶ୍ୱବିଦ୍ୟାଳୟରୁ ପିୟୁସି କିମ୍ବା ପ୍ରାକ୍-ଡାକ୍ତରୀ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିବା କିମ୍ବା ରାଜ୍ୟର ଭେଷଜ ମହାବିଦ୍ୟାଳୟଗୁଡ଼ିକରେ, ଶିକ୍ଷାଗତ ପଛୁଆ ଅଞ୍ଚଳର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରୁ ଯୋଗ୍ୟତା ଅର୍ଜନକାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସଂସ୍ଥାଗତ ସଂରକ୍ଷଣ ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ......."

ଦୀନେଶ କୁମାର ବନାମ ମୋତିଲାଲ ନେହେରୁ ମେଡ଼ିକାଲ କଲେଜ, [1986] 3 ଏସ.ସି.ସି 727 ମାମଲାରେ ସେହି ସମାନ ପ୍ରଶ୍ନକୁ ପୁନର୍ବାର ପରୀକ୍ଷା କରାଯାଇଥିଲା । ନିକଟରେ, *ଅନନ୍ତ ମଦନ ବନାମ ହରିୟାଣା ରାଜ୍ୟ,* [1995] 2 ଏସସିସି 135 ମାମଲାରେ ଏହା କୁହାଯାଇଥିଲା ଯେ:

> ତେଣୁ ଯୋଗ୍ୟତା ସର୍ତ୍ତ, ଯେଉଁଥିରେ ପ୍ରାର୍ଥୀ ହରିୟାଣା ରାଜ୍ୟର ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଦଶମ, 10 + 1 ଏବଂ 10 + 2 ଶ୍ରେଣୀ ଅଧ୍ୟୟନ କରିଥିବା ଆବଶ୍ୟକ, ତାହା ମନମୁଖୀ କିମ୍ବା ଅଯୌକ୍ତିକ ନୁହେଁ ଏବଂ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ ଏହାକୁ ଯଥାର୍ଥ ଭାବରେ ସମର୍ଥନ କରିଛନ୍ତି ।

ତେଣୁ ଯଦି ଏକ ନିୟମ ପ୍ରସ୍ତୁତ ହୋଇଛି ଯେ ପ୍ରସ୍ତୁତ ହୋଇଥିବା ମେଧା ତାଲିକା ମଧ୍ୟରୁ, ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ଅତି ବିଶେଷଜ୍ଞତା ପାଠ୍ୟକ୍ରମରେ ନାମଲେଖାଇବାକୁ, ଆପେଆପେ ପ୍ରାଥମିକତା ଦିଆଯିବ, ତେବେ ଏହା ମନମୁଖୀ, ଅଯୌକ୍ତିକ କିମ୍ବା ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନକାରୀ ବୋଲି କୁହାଯାଇପାରିବ ନାହିଁ ।

ଆବେଦନକାରୀ-ବିଶ୍ୱବିଦ୍ୟାଳୟ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ, ଆକ୍ଷେପିତ ନିୟମରେ ଥିବା କିଛି ଅଂଶର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟକୁ ବ୍ୟାଖ୍ୟା କରିପାରି ନାହାନ୍ତି, ଯେଉଁଥିରେ ବ୍ୟବସ୍ଥା କରାଯାଇଛି ଯେ "ଏହା ପରେ ଅବଶିଷ୍ଟ କୌଣସି ଖାଲି ସ୍ଥାନ ପୂରଣ ହେବ ନାହିଁ ।" ନିୟମର ଏହି ଅଂଶକୁ ଯୁକ୍ତିଯୁକ୍ତ ବୋଲି ଗ୍ରହଣ କରାଯାଇପାରିବ ନାହିଁ । ଏହା କେବଳ ନ୍ୟାୟସଙ୍ଗତ ଏବଂ ଉପଯୁକ୍ତ ଯେ ବିଶ୍ୱବିଦ୍ୟାଳୟ ସେହି ନିୟମର ପୁନଃ ସମୀକ୍ଷା କରିବା ଉଚିତ ଏବଂ ଏକ ନୂତନ ଦୃଷ୍ଟିକୋଣରୁ ଦେଖିବା ଉଚିତ, ଯେଉଁଥିରେ କୌଣସି ନା କୌଣସି କାରଣରୁ ପୂରଣ ହୋଇପାରି ନଥିବା ଖାଲି ଆସନଗୁଡ଼ିକୁ ମଧ୍ୟ ପୂରଣ କରିବାର ବ୍ୟବସ୍ଥା ରହିଛି: ନିଶ୍ଚିତ ଭାବରେ ଅତି ବିଶେଷଜ୍ଞତା ପାଠ୍ୟକ୍ରମ ପାଇଁ ନିର୍ଦ୍ଧାରିତ ସମୟସୂଚୀ ଭିତରେ ।

ତଦନୁସାରେ ଆବେଦନକୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି । ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଜି. ଆର. ଏ. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।